ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

**ପତ୍ର ସଂ –୦୯୭/୨୦୨୩** **ସପ୍ତାହ- ୪୯** **ମଙ୍ଗଳବାର, ତାରିଖ ୦୫.୧୨.୨୦୨୩**

## ନୂଆପଡ଼ା ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୦୬.୧୨.୨୦୨୩ ରୁ ୧୦.୧୨.୨୦୨୩ ପର୍ଯ୍ୟନ୍ତ:

ଦକ୍ଷିଣପୂର୍ବ ବଙ୍ଗୋପ ସାଗର ରେ ସୃଷ୍ଟି ହେଇଥିବା ଲଘୁଚାପ ବର୍ତମାନ ଭୀଷଣ ବାତ୍ୟା ର ରୂପ ନେଇ ସାରିଛି। ତେଣୁ ଭୀଷଣ ବାତ୍ୟା "MICHAUNG" ( ମିଗଜୋମ୍ ଭାବରେ ଉଚ୍ଚାରଣ) ପ୍ରଭାବରେ ଆସନ୍ତା ୬ ରୁ ୭ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପ ରୁ ମଧମ ଧରଣର ବର୍ଷା ହେବାର ଆଶଙ୍କା ରହିଛି। ଏହି ସମୟରେ ଆକାଶ ମୁଖ୍ୟତଃ ମେଘଶୂନ୍ୟ ରୁ ସାଧାରଣତଃ ମେଘୁଆ ରହିବା ସହିତ ଉକ୍ତ ସମୟ ମଧରେ ପବନ ମୁଖ୍ୟତଃ ଉତ୍ତର-ପୁର୍ବ ଦିଗ ଆଡୁ ଘଣ୍ଟା ପ୍ରତି ୦୦୪ – ୦୧୦ କି.ମି. ବେଗରେ ବହିବାର ସମ୍ଭାବନା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୨୮ - ୩୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୮ – ୨୦ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୯୩ – ୯୭ % ଓ ୭୦ – ୯୨ % ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୦୬-୧୨-୨୦୨୩ | ୨୦ | ୨୯ | ୧୯ | ୭ | ୯୬ | ୭୯ | ୧୦ | ୫୮ |
| | ୦୭-୧୨-୨୦୨୩ | ୭ | ୨୮ | ୧୯ | ୭ | ୯୭ | ୮୧ | ୧୦ | ୬୬ |
| | ୦୮-୧୨-୨୦୨୩ | ୫ | ୨୯ | ୨୦ | ୬ | ୯୭ | ୯୨ | ୬ | ୬୩ |
| | ୦୯-୧୨-୨୦୨୩ | ୦ | ୩୦ | ୧୯ | ୩ | ୯୭ | ୭୬ | ୫ | ୬୩ |
| | ୧୦-୧୨-୨୦୨୩ | ୦ | ୩୦ | ୧୮ | ୨ | ୯୩ | ୭୦ | ୪ | ୫୬ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

## ପାଣିପାଗ ଭିତ୍ତିକ କୃଷି ଉପଦେଶ

- ଆସନ୍ତା ଦିନରେ ସ୍ୱଳ୍ପ ରୁ ମଧମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ସମସ୍ତ ଫସଲ କୁ ତୁରନ୍ତ ଅମଳ କରିଦିଅନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ।
- ବର୍ଷା ପାଣି ଠାରୁ ସୁରକ୍ଷା ନିମନ୍ତେ ପନିପରିବା ଯଥା ବାଇଗଣ, ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ବ୍ରୋକୋଲି, ଲଙ୍କା ଆଦି ଫସଲ ରେ ତଳି ପଡ଼ିଥିଲେ ତଳିକୁ ପୋଲିଥିନ୍ ଜରି କିମ୍ବା କୌଣସି ପ୍ଲାଷ୍ଟିକ ପଦାର୍ଥ ଘୋଡ଼ାଇ ରଖନ୍ତୁ ।
- ଜମିରୁ ବଳକା ପାଣି ନିଷ୍କାସନ ପାଇଁ ନାଳୀ ମୁଁହ କୁ ଖୋଲା ରଖନ୍ତୁ।
- ଚିନାବାଦାମ ବୁଣିବା ଏବେ ସାମୟିକ ରୂପେ ସ୍ଥଗିତ ରଖନ୍ତୁ।
- ଆବଶ୍ୟକତା ଅନୁଯାୟୀ ବର୍ଷା ପ୍ରଭାବ ରୁ ଗଛ ନଇଁ ନଯିବା ପାଇଁ କିଳା ମାରନ୍ତୁ।
- ଜଳସେଚନ, କୀଟନାଶକ ସିଞ୍ଚନଓ ସାର ପ୍ରୟୋଗ କୁ ସାମୟିକ ଭାବେ ସ୍ଥଗିତ ରଖନ୍ତୁ।
- ପନିପରିବା ତଥା ରବି ଫସଲରେ ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥା କରନ୍ତୁ।
- ସମସ୍ତ ରବି ଫସଲ ବୁଣିବା କିମ୍ବା ଲଗାଇବା ସାମୟିକ ସ୍ଥଗିତ ରଖନ୍ତୁ।

### ଧାନ :

- ଧାନ ଶତକଡ଼ା ୮୦ ରୁ ୮୫ ଭାଗ ପାଚିଗଲେ ଅମଳ କରିଦିଅନ୍ତୁ। ଅମଳ ପରେ ଧାନକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ଧାନରେ ସର୍ବାଧିକ ଶତକଡ଼ା ୧୨ ରୁ ୧୪ ପ୍ରତିଶତ ଆର୍ଦ୍ରତା ରହିଲେ ଧାନକୁ ଅଧିକ ଦିନ ସଂଚୟ କରି ରଖି ହେବ । ଧାନ ଅମଳ କରିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରି ଦିଅନ୍ତୁ।
- ଅମଳ ହେଇଥିବା ଧାନ କୁ ସୁପର ଗ୍ରେନ ବେଗ ରେ ସଂଗ୍ରହ କରି ତାହାକୁ ଭଲ ଭାବରେ ଘୋଡ଼ାଇ ରଖନ୍ତୁ ଯାହାଦ୍ୱାରା ଧାନର ଗୁଣବତ୍ତା ରଙ୍ଗ, ବାସ୍ନା, ସ୍ଵାଦ ଆଦି ନଷ୍ଟ ହେବ ନାହିଁ ଓ ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ହେଇ ରହିବ।
- ପ୍ରତ୍ୟେକ କିସମ କୁ ଅଲଗା ଅଲଗା କରି ସଂଗ୍ରହ କରନ୍ତୁ ଯଦ୍ଵାରା ଭଲ ଦାମ୍ ରେ ବିକ୍ରି ହେଇପାରିବ।

### କପା :

- ଅମଳ ସମାପ୍ତ ହେବା ପରେ ପୋକ ଏବଂ ରୋଗ ଦ୍ବାରା ଆକ୍ରାନ୍ତ ହୋଇଥିବା ଫଳ ଓ ଗଛକୁ ଜମିରୁ ବାହାର କରି ନଷ୍ଟ କରି ଦିଅନ୍ତୁ ।
- କପା ଫୁଟିବା ଆରମ୍ଭ ହୋଇ ଥିବାରୁ ସମ୍ପୂର୍ଣ ଫୁଟିଥିବା ବକରାରୁ କପା ତୋଳନ୍ତୁ ।
- ତୋଳିଥିବା କପାକୁ ସିମେଣ୍ଟ ଚଟାଣ କିମ୍ବା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେପରିକି ଏହାର ଆଦ୍ରତା ୮ -୧୦ % ଭିତରେ ରହିବ। ପ୍ରଥମରେ ତୋଳା ହୋଇଥିବା କପାକୁ ଅଲଗା କରି ସାଇତି ରଖନ୍ତୁ ଯାହାକି ଭଲ ଦାମରେ ବିକ୍ରି ହେବ ।
- ପ୍ରଥମ ଥର କପ ତୋଳିବା ପରେ ୧୦ ଲିଟର ପାଣିରେ ୧୦୦ ଗ୍ରାମ ଏନ.ପି.କେ ୧୯:୧୯:୧୯ ସାରକୁ ମିଶାଇ ସିଂଚନ କରନ୍ତୁ ଯାହାଦ୍ୱାରା ବାଳକ ବକରା ସବୁ ଭଲ ଭାବରେ ବଢି ପାରିବ ।

- ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ତୋଳି ସାରିଥିବା କପା କୁ ନିକଟସ୍ଥ ମଣ୍ଡି ରେ ବିକ୍ରି କରନ୍ତୁ।

**ଚିନାବାଦାମ:**

- ଚିନାବାଦାମ ପାକଳ ହୋଇଗଲେ ଅର୍ଥାତ୍ ଚୋପା ରେ ଜଳୀୟ ଅଂଶ ୩୦ ରୁ ୪୦ ପ୍ରତିଶତ ଥିଲେ ତାହାକୁ ତୁରନ୍ତ ଅମଳ କରି ୩ ଦିନ ପର୍ଯ୍ୟନ୍ତ ଖରା ରେ ଶୁଖାଇ ଦିଅନ୍ତୁ ଯେମିତିକି ଜଳୀୟ ଅଂଶ ୧୦ ପ୍ରତିଶତ କୁ କମିଯିବ ଏବଂ ଚିନାବାଦାମ କୁ ସୁରକ୍ଷିତ ସଞ୍ଚୟ କରି ରଖି ହେବ।
- ରବି ଋତୁରେ ଚିନାବାଦାମ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜିକୁ ୩-୩.୫ ଗ୍ରାମ କାର୍ବେନ୍ଡାଜିମ୍ ୨୫% + ମାଙ୍କୋଜେବ ୫୦% ଡବ୍ଲୁ.ଏସ୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ ଏବଂ ବୁଣିବା ସମୟରେ ପ୍ରତି ୨୫ କିଲୋଗ୍ରାମ ମଞ୍ଜି କୁ ୫୦୦ ଗ୍ରାମ ଅଥବା ୨୫୦ ମିଲିଗ୍ରାମ ରାଇଯୋବିୟମ୍ କଲଚର୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ।
- **ଏକର ପ୍ରତି ବିହନ ପରିମାଣ** - ୪୦ ରୁ ୫୦ କିଲୋଗ୍ରାମ ଚୋପାଛଡ଼ା ବିହନ ।
- **ଉପଯୁକ୍ତ କିସମ** - ଦେବୀ (ଆଇସିଜିଭି ୯୧୧୧୪), କଦେରୀ-୬, କଦେରୀ-୯, ଟିଏଜି-୫୧, ଟିଏମଭି -୨, ସ୍ମୃତି (ଓଜି ୫୨-୧), ସିଓ-୭, ଧରଣୀ ଇତ୍ୟାଦି,।
- **ଖାଦ୍ୟସାର ପରିଚାଳନା** – ବିହନ ବୁଣିବା ବେଳେ ଏକର ପ୍ରତି ୪୦ କିଲୋଗ୍ରାମ ଡି.ଏ.ପି, ୨୫ କିଲୋଗ୍ରାମ ଏମ୍.ଓ.ପି ଓ ୧୨ କିଲୋଗ୍ରାମ ଗନ୍ଧକ ସାର ପ୍ରୟୋଗ କରନ୍ତୁ ।

**ସୂର୍ଯ୍ୟମୁଖୀ:**

- **ଖାଦ୍ୟସାର ପରିଚାଳନା** - ପ୍ରତି ଏକର ପିଛା ଅଧା ପରିମାଣରେ ୟୁରିଆ (ଉନ୍ନତ କିସମ-୬ କି.ଗ୍ରା., ସଙ୍କର କିସମ-୧୨ କି.ଗ୍ରା.) ପ୍ରଥମ ଦଫା ସାର ହିସାବରେ ପ୍ରଥମ ଜଳସେଚନ ପୁର୍ବରୁ ପ୍ରୟୋଗ କରନ୍ତୁ।
- **ଜଳସେଚନ -** କଢ଼, ଫୁଲ ଓ ଦାନା ପୂରଣ ଅବସ୍ଥା ରେ ଜଳସେଚନ ର ବ୍ୟବସ୍ଥା କରନ୍ତୁ ।
- **ପାଉଁଶିଆ ରୋଗ** - ଏକର ପ୍ରତି ୪୦୦ ଗ୍ରାମ୍ ସେଚିତ ଗନ୍ଧକ ଗୁଣ୍ଡ ୨୦୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ରାଇ ଓ ସୋରିଷ:**

- **ଖାଦ୍ୟସାର ପରିଚାଳନା** – ଏକର ପିଛା ୫୫ କି.ଗ୍ରା. ୟୁରିଆ+ ୧୦ କି.ଗ୍ରା. ଏମଓପି ଓ ୪୦ କି.ଗ୍ରା. ୟୁରିଆ+ ୫ କି.ଗ୍ରା. ଏମଓପି ଯଥାକ୍ରମେ ରାଇ ଓ ସୋରିଷ ପାଇଁ ପ୍ରଥମ ଜଳସେଚନ ପୁର୍ବରୁ ଜମିରେ ପ୍ରୟୋଗ କରନ୍ତୁ।
- **ଜଳସେଚନ -** ଫୁଲ ହେବା ସମୟ ଓ ଛୁଇଁ ହେବା ସମୟରେ ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- ଜଉ ପୋକ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି ନଚେତ ପ୍ରତି ୧୦ ଲିଟର ପାଣିରେ ୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କୁ ମିଶ୍ରିତ କରି ସିଂଚନ କରନ୍ତୁ ।

**ମୁଗ ଓ ବିରି :**

- **ଖାଦ୍ୟସାର ପରିଚାଳନା** – ଏକର ପିଛା ୩୫ କି.ଗ୍ରା. ଡିଏପି + ୧୩ କି.ଗ୍ରା. ଏମଓପି ଜଳସେଚିତ ଜମିରେ ଓ ୨୫ କି.ଗ୍ରା. ଡିଏପି + ୭ କି.ଗ୍ରା. ଏମଓପି ଅଣ ଜଳସେଚିତ ଜମିରେ ବିହନ ବୁଣିବା ସମୟରେ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ।

**ହରଡ଼ :**

- ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ୫ ମି.ଲି. ଡେଲଟାମେଥରିନ୍ ୨.୮% ଇ.ସି. କିମ୍ବା ୧.୫ ମି.ଲି. ସ୍ପିନୋସାଡ ୪୫% ଏସ.ସି କିମ୍ବା ୧ ମି.ଲି. ଫ୍ଲୁବେଣ୍ଡିଆମାଇଡ ୩୯.୩୫ % ଏସ୍.ସି କୁ ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ଜଉ ପୋକ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି ନଚେତ ପ୍ରତି ୧୦ ଲିଟର ପାଣିରେ ୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କୁ ମିଶ୍ରିତ କରି ସିଂଚନ କରନ୍ତୁ ।

**ପନିପରିବା :**

ପିଆଜ

- **ଉପଯୁକ୍ତ କିସମ** - ଭିମା ରାଜ୍, ଭୀମା ଡାର୍କ ରେଡ୍, ଭୀମା ଶ୍ୱେତା, ଭୀମା ଶୁଭ୍ରା, ଭୀମା ସଫେଦ୍, ଭୀମା ଶକ୍ତି, ଏଗ୍ରି ଫାଉଣ୍ଡ ଡାର୍କ ରେଡ୍, ଅର୍କ ନିକେତନ ଆଦି ରବି ଋତୁ ପାଇଁ ଉପଯୁକ୍ତ କିସମ।
- **ଏକର ପିଛା ବିହନ ପରିମାଣ** – ୪ କି.ଗ୍ରା

ଟମାଟୋ

- **ଖାଦ୍ୟସାର ପରିଚାଳନା**: ଅଧିକ ଅମଳକ୍ଷମ କିସମ ପାଇଁ ଏକର ପ୍ରତି ଡିଏପି ୬୬ କି.ଗ୍ରା., ୟୁରିଆ ୮୦ କି.ଗ୍ରା. ଓ ୩୩ କି.ଗ୍ରା. ପୋଟାସ ସାର ଆବଶ୍ୟକ। ଏକ ତୃତୀୟାଂଶ ୟୁରିଆ + ପୁରା ମାତ୍ରାର ଡିଏପି + ଅର୍ଦ୍ଧେକ ପୋଟାସ ସାର କୁ ଚାରା ଲଗାଇଲା ବେଳେ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ।
- ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୩.୫ ମି.ଲି ଜିବେରେଲିକ୍ ଏସିଡ ୦.୦୦୧% ଏଲ୍ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୪୫ ଓ ୬୦ ଦିନ ପରେ ସିଞ୍ଚନ କରନ୍ତୁ।

**ଫୁଲ କୋବି ଓ ବନ୍ଧା କୋବି**

- **ଖାଦ୍ୟସାର ପରିଚାଳନା**: ଏକର ପ୍ରତି ଡିଏପି ୨୫ କି.ଗ୍ରା., ୟୁରିଆ ୧୫ କି.ଗ୍ରା.,୧୦ କି.ଗ୍ରା. ପୋଟାସ ଓ ୫ କି.ଗ୍ରା. ବୋରାକ୍ସ ସାରକୁ ଚାରା ପ୍ରତିରୋପଣ ସମୟରେ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ।
- ଠିକିରି ପିଠିଆ ପ୍ରଜାପତି ପୋକର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ତମ୍ବାଖୁ ପତ୍ରଖିଆ ପୋକର ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ៣.୫ ମି.ଲି ଜିବେରେଲିକ୍ ଏସିଡ ୦.୦୦୧% ଏଲ୍ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୪୫ ଓ ୬୦ ଦିନ ପରେ ସିଞ୍ଚନ କରନ୍ତୁ।

**ଲଙ୍କା**

- **ଅଧିକ ଅମଳକ୍ଷମ କିସମ**-ଉତ୍କଳ ଆଭା, ଉତ୍କଳ ରଶ୍ମି, ଉତ୍କଳ ରାଗିଣୀ, ପୁସା ଜ୍ୱାଲା, ପୁସା ସଦାବାହାର ।
- **ସଂକର କିସମ**- ଜ୍ୟୋତି, ଅଗ୍ନିରେଖା, ରୋଷନୀ, ତେଜସ୍ୱିନୀ ଇତ୍ୟାଦି।
- **ଏକର ପ୍ରତି ବିହନ ପରିମାଣ** - ଅଧିକ ଅମଳକ୍ଷମ କିସମ- ୨୦୦ ଗ୍ରା ଓ ସଙ୍କର କିସମ-୧୦୦ ଗ୍ରା. ।

**ପଶୁପାଳନ**

- କ୍ଷୀର ଦେଉଥିବା ପଶୁ ମାନଙ୍କୁ ଅଧିକ ଅମଳ ନିମନ୍ତେ ପର୍ଯ୍ୟାପ୍ତ ଦାନା ଦିଅନ୍ତୁ।
- ଛେଳି ମାନଙ୍କୁ ଥଣ୍ଡା ପବନ ଓ ସନ୍ତସନ୍ତିଆ ଚଟାଣ ପାଇଁ ସୁରକ୍ଷା ପ୍ରଦାନ କରନ୍ତୁ।
- ରାତିରେ ନିମ୍ନ ତାପମାତ୍ରା ରୁ ରକ୍ଷା ନିମନ୍ତେ ଗୁହାଳ ଓ କୁକୁଡ଼ା ଘର କୁ ମରାମତି କରି ଦିଅନ୍ତୁ ଏବଂ ପୋଲିଥିନ୍ କିମ୍ବା ଲୁଗା ଦ୍ୱାରା ଘୋଡ଼ାଇ ଦିଅନ୍ତୁ ଯେପରିକି ଥଣ୍ଡା ପବନ ପଶି ନପାରିବ।
- ପଶୁ ମାନଙ୍କୁ ସବୁଜ ଘାସ, ନଡ଼ା, ଶୁଖିଲା ଖାଦ୍ୟ ସହିତ ପରିଷ୍କାର ପାଣି ଯୋଗାଇ ଦିଅନ୍ତୁ । ମୁହଁ ଓ ଖୁରା ରୋଗ ପାଇଁ ପ୍ରତିଷେଧକ ଟୀକା ପ୍ରଦାନ କରନ୍ତୁ।
- ବିଶେଷ କରି ଶୀତ ଦିନ ରାତିରେ କୁକୁଡ଼ା ଚିଆଁ ମାନଙ୍କୁ ଉତ୍ତାପ ପ୍ରଦାନ ପାଇଁ ବ୍ୟବସ୍ଥା କରନ୍ତୁ ଯଦ୍ୱାରା ସେମାନଙ୍କର ମରଣଶୀଳତା ହ୍ରାସ ପାଇବ । କୁକୁଡ଼ା ଘର କୁ ସଫା ରଖନ୍ତୁ ଓ ରହିବା ପାଇଁ ଶୁଖିଲା ଉପାଦାନ ମାନ ଯୋଗାଇ ଦିଅନ୍ତୁ।

**ନୋଡାଲ ଅଫିସର**
**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକାୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**